## ବାମପନ୍ଥୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଜାତୀୟ ବିଜ୍ଞାନ ସଂସ୍ଥାନକୁ କୋଲକାତାକୁ ଉଠାଇନିଯାଯାଇଛି

କଟକ (କ.ପ୍ର.)- ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ସଂସ୍ଥାନ ସ୍ଥାପନ ନିମନ୍ତେ କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ନ ଥିଲା ବୋଲି ଦର୍ଶାଇ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଉପସଚିବ ପ୍ରେମକୁମାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ସତ୍ୟପାଠକୁ ଚାଲେଞ୍ଜ କରି ଆବେଦନକାରୀ ପ୍ରଶାନ୍ତକୁମାର ଦାସଙ୍କ ପକ୍ଷରୁ ୨ଟି ମିସ୍‌କେସ୍ ପିଟିସନ ରୁଜୁ କରାଯାଇଛି । ଜାତୀୟସ୍ତରୀୟ ୪ଟି ସଂସ୍ଥା ଭୁବନେଶ୍ୱର, ପୁଣେ, ଆଲ୍ଲାହାବାଦ ଓ ଚେନ୍ନାଇଠାରେ ସ୍ଥାପନ ପାଇଁ ୟୁଜିସି ପକ୍ଷରୁ ନିଷ୍ପତ୍ତି ନିଆଯାଇ ଏ ସମ୍ପର୍କରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ୨୦୦୩ ଡିସେମ୍ବର ମାସରେ ଜଣାଇ ଦିଆଯାଇଥିଲା ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ଏହାପରେ ୟୁଜିସିର ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ୨୦୦୪ ଏପ୍ରିଲରେ ଏକ ଚିଠି ପଠାଇଥିଲେ । ତତ୍‌ସମ୍ବନ୍ଧୀୟ ୪୫ ପୃଷ୍ଠା ସମ୍ବଳିତ ଏକ ପ୍ରୋଜେକ୍ଟ ରିପୋର୍ଟ ୟୁଜିସି ପକ୍ଷରୁ ପ୍ରସ୍ତୁତି କରାଯାଇଥିଲା । ଜାତୀୟ ବିଜ୍ଞାନ ସଂସ୍ଥାନକୁ ନ ଉଠାଇବା ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସମୟରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନିକଟକୁ ୩ଟି ପତ୍ର ପଠାଇଥିଲେ ବୋଲି ପିଟିସନରେ ଉଲ୍ଲେଖ କରାଯାଇଛି । ଏହାକୁ ଗୁରୁତ୍ୱର ସହ ବିଚାର କରାଯିବ ବୋଲି ପ୍ରଧାନମନ୍ତ୍ରୀ ଜଣାଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟକୁ ପକ୍ଷଭୁକ୍ତ କରିବା ପିଟିସନରେ ନିବେଦନ କରାଯାଇଛି । ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ସଂସ୍ଥାନ ସ୍ଥାପନ ସମ୍ପର୍କରେ ୟୁଜିସି ଏବଂ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ମଧ୍ୟରେ ହୋଇଥିବା ପତ୍ର ବିନିମୟ ସମ୍ପର୍କିତ ସମସ୍ତ ତଥ୍ୟ ଅଦାଲତରେ ଉପସ୍ଥାପନ କରିବା ପାଇଁ ରୁଜୁ କରାଯାଇଥିବା ମିସ୍ କେସ୍‌ରେ ନିବେଦନ କରାଯାଇଛି । ଏତଦ୍‌ବ୍ୟତୀତ ଜାତୀୟ ବିଜ୍ଞାନ ସଂସ୍ଥାନର ସ୍ଥାପନ ନିଷ୍ପତ୍ତି ପୂର୍ବରୁ ଓ ପରେ ୟୁଜିସି ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଯେଉଁ ସବୁ ତଥ୍ୟ ଆଦାନ ପ୍ରଦାନ ହୋଇଛି ସେ ସମସ୍ତ କାଗଜପତ୍ର କୋର୍ଟରେ ଦାଖଲ କରିବା ପାଇଁ ଆବେଦନକାରୀ ତାଙ୍କ ପିଟିସନରେ ଉଲ୍ଲେଖ କରିଛନ୍ତି ; ଯାହାଫଳରେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିପାରିବ । କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ଉପସଚିବ ପ୍ରେମକୁମାର ସତ୍ୟପାଠରେ ଦର୍ଶାଇଥିଲେ ଯେ ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ସଂସ୍ଥାନ ସ୍ଥାପନର କୌଣସି ଯୋଜନା ନଥିଲା, ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଆବେଦନକାରୀ ପିଟିସନରେ ଉଲ୍ଲେଖ କରିଛନ୍ତି । ଉଲ୍ଲେଖନୀୟ ବିଷୟ ଏହି ଯେ ଅଗଷ୍ଟ ୨୮ ତାରିଖ ଓ ଅକ୍ଟୋବର ୩୦ ତାରିଖରେ ରାଜ୍ୟ ବିଜେଡ଼ି ସାଂସଦ ସଂସଦ ବାହାରେ ଓ ଭିତରେ ଏହି ସଂସ୍ଥାନ ଉଠାଇ ନିଆଯିବାକୁ ବିରୋଧ କରିଥିଲା ବେଳେ କିପରି ନଭେମ୍ବର ମାସରେ କେନ୍ଦ୍ର ସରକାର କୋଲକତାରେ ସଂସ୍ଥାନ ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରେମକୁମାର ତାଙ୍କ ସତ୍ୟପାଠରେ ଦର୍ଶାଇଛନ୍ତି ଯାହା ଅତ୍ୟନ୍ତ ରହସ୍ୟମୟ ବୋଲି ପିଟିସନରଙ୍କ ଓକିଲ ମଧୁସୂଦନ ପଣ୍ଡା ତାଙ୍କ ଯୁକ୍ତିରେ କହିଛନ୍ତି । ତରବରିଆଭାବେ ବାମପନ୍ଥୀଦଳଙ୍କୁ ସନ୍ତୁଷ୍ଟ କରିବା ପାଇଁ ୟୁପିଏ ସରକାର କୋଲକାତାର ସାହା ଅଡ଼ିଟୋରିଅମରେ ଏହି ସଂସ୍ଥାନର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଫଳରେ ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ସମ୍ପୂର୍ଣ୍ଣ ପଦାରେ ପଡ଼ିଛି ।











The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)